# କୃଷି ସୂଚନା ସେବା (ଧାନ)

## ଭା.କୃ.ଅନୁ.ପ.-ଜାତୀୟ ଧାନ ଗବେଷଣା ଅନୁଷ୍ଠାନ, କଟକ-୭୫୩୦୦୬

### ୨୦୧୭ ମସିହା ମାର୍ଚ୍ଚ ମାସ ପ୍ରଥମ ପକ୍ଷ ପାଇଁ କାର୍ଯ୍ୟପନ୍ଥା :

❖ ଧାନ ଗଛ ୩୦ ଦିନର ହୋଇଥିବା ସମୟରେ ଅନୁମୋଦିତ ଯବକ୍ଷାରଜାନ ସାରର ଅଧା ପିଲସାର ଭାବେ(ଅଧିକ ଅମଳକ୍ଷମ ଧାନ ପାଇଁ ୟୁରିଆ @ ୪୨ କି.ଗ୍ରା. ଏବଂ ଶଙ୍କର ଜାତୀୟ ଧାନ ପାଇଁ ୫୨ କି.ଗ୍ରା.) ପ୍ରୟୋଗ କରିବା ଉଚିତ୍ ।

❖ ଯେଉଁ ସ୍ଥାନରେ ଅଧିକ ମୁଥା ଏବଂ ଚଉଡା ପତ୍ର ଘାସ ଦେଖାଯାଉଥିବା ସେଠାରେ, କ୍ଲୋରିମ୍ୟୁରନ୍ ଇଥାଇଲ୍ ଏବଂ ମେଟ୍ ସଲଫ୍ୟୁରନ୍ ମିଥାଇଲ୍ (ଆଲମିକ୍ସ) ୨୦% ସେଚିତ ଗୁଣ୍ଡ @ ୮ ଗ୍ରାମ୍ ପ୍ରତି ଏକର କିମ୍ବା ବେଲ୍ସଫ୍ୟୁରାନ୍ ମିଥାଇଲ୍ ୬୦ DF ପ୍ରତି ଏକର ପାଇଁ ୪୦ ଗ୍ରାମ୍ ହିସାବରେ ଓଦା ଜମିରେ ଠିଆ ପାଣି ଏକର ପିଛା ୨୦୦ ଲିଟର ପାଣିରେ ଏହି ଔଷଧ ମିଶାଇ ସିଞ୍ଚନ କରନ୍ତୁ । ଘାସମରା ଔଷଧ ପ୍ରୟୋଗର ୨ ଦିନ ପରେ ଜଳସେଚନ କରନ୍ତୁ । ରୁଆ ଧାନର ୨୫-୩୦ ଦିନ ପରେ ପ୍ରବଳ ସୂଆଁ ଘାସ ହେଲେ ଏକର ପିଛା ଫେନୋକ୍ସାପ୍ରପ୍-ପି-ଇଥାଇଲ୍ @ ୨୪ ଗ୍ରାମ୍ . a.i. ପ୍ରୟୋଗ କରନ୍ତୁ ।

❖ ଶ୍ରୀ ପଦ୍ଧତିରେ ଚାଷ ହୋଇଥିବା ଧାନ ଫସଲରେ କୋନୋୱିଡର ସାହାଯ୍ୟରେ ୨୦ ରୁ ୨୫ ଦିନ ପରେ ଘାସ ଦମନ କରନ୍ତୁ ।

❖ ଖାଲି ଆଖିଦ୍ୱାରା କିମ୍ବା ଫେରୋମୋନ୍ ଯନ୍ତା ଦ୍ୱାରା ଏହି ପକ୍ଷରେ ହଳଦିଆ କାଣ୍ଡବିନ୍ଧା ପୋକ(ପ୍ରଜାପତି) ର ନିରୀକ୍ଷଣ କରନ୍ତୁ । ପ୍ରତି ବର୍ଗମିଟରରେ ଏକ ଅଣ୍ଡାପୁଞ୍ଜ ବା ୧ରୁ ୨ ଟି ପ୍ରଜାପତି କିମ୍ବା ପ୍ରତିଦିନ ଯନ୍ତାପିଛା ୪ ରୁ ୫ ପୁରୁଷ ପ୍ରଜାପତି କିମ୍ବା ପ୍ରତି ବର୍ଗମିଟରରେ ୧ ରୁ ୨ ଟି ମଞ୍ଜକିଳା ଏହି ପୋକର ଆର୍ଥିକ ଦେହଳୀ ସୀମାରେଖା (ETL) ଅଟେ । ଏହାକୁ ଦମନ ପାଇଁ ରାଇନାକ୍ସିପର @ ୬୦ ମି.ଲି. ପ୍ରତି ଏକର କିମ୍ବା ଟ୍ରାୟାଜୋଫସ୍ (୪୦%) @ ୫୦୦ ମି.ଲି. ପ୍ରତି ଏକର କିମ୍ବା କ୍ଲୋରୋପାଇରିଫସ୍ ୫୦୦ ମି.ଲି. ପ୍ରତି ଏକର ହିସାବରେ ପତ୍ର ସିଞ୍ଚନ କରନ୍ତୁ । ହସ୍ତଚାଳିତ ସ୍ପ୍ରେୟରରେ ପ୍ରତି ଏକର ପିଛା ୨୦୦ ଲିଟର ଦ୍ରବଣ ଆବଶ୍ୟକ ହୋଇଥାଏ ।

ଯଦି କେବଳ ମଞ୍ଜକିଳା ଦେଖାଯାଏ ତେବେ ଏକର ପିଛା ଦାନାଦାର ପୋକମରା ଔଷଧ ଯଥା କାର୍ବୋଫ୍ୟୁରାନ୍ (୩%) @ ୧୨ କି.ଗ୍ରା. କିମ୍ବା କାରଟାପ୍ ହାଇଡ୍ରୋକ୍ଲୋରାଇଡ୍(୪%) @ ୧୦ କି.ଗ୍ରା. ହିସାବରେ ପ୍ରୟୋଗ କରନ୍ତୁ ।

❖ ଯେଉଁ ସ୍ଥାନ ମାନଙ୍କରେ ବାଦାମୀ ଗୁଣ୍ଡିପୋକ, ଧଳା ପତ୍ରଡିଆଁ ପୋକ, ପତ୍ରମୋଡା ପୋକମାନଙ୍କର ପ୍ରାର୍ଦୁଭାବ ଅଧିକ ସେଠାରେ ସେମାନଙ୍କ ସଂଖ୍ୟାକୁ ନିୟନ୍ତ୍ରଣ କରିବା ଆବଶ୍ୟକ । ସେମାନଙ୍କ ଆର୍ଥିକ ଦେହଳୀ ସୀମା ନିମ୍ନରେ ଦିଆଗଲା

ପତ୍ରମୋଡା ପୋକ- -ପ୍ରତି ବୁଦାରେ ୧ ରୁ ୨ ନଷ୍ଟ ହୋଇଥିବା ପତ୍ର

ବାଦାମୀ ଗୁଣ୍ଡିପୋକ-ପ୍ରତି ବୁଦାରେ ୫-୧୦ ପୋକ

ଧଳା ପତ୍ରଡିଆଁ ପୋକ-ପଅତି ବୁଦାରେ ୫-୧୦ ଟି ପୋକ

ଯଦି ଆର୍ଥିକ ଦେହଳୀ ସୀମାରୁ ଅଧିକ ସଂଖ୍ୟାରେ ପୋକ ଦେଖା ଦିଅନ୍ତି ତେବେ ନିମ୍ନଲିଖିତ ପୋକମରା ଔଷଧ ହେକ୍ଟର ପିଛା ୨୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରିବା ଆବଶ୍ୟକ ।

ପତ୍ରମୋଡା ପୋକ- ଟ୍ରାୟାଜୋଫସ୍ ୪୦ EC @ ୨୫୦ ମି.ଲି./ଏକର

ଥାୟୋମିଥୋକ୍ସାମ୍ ୨୫ WG @ ୪୦ ଗ୍ରାମ୍/ଏକର

ନିମ୍ବତେଲ @ ୫ ମି.ଲି/ଲିଟର ପାଣି ଶତକଡା ୨ ଭାଗ ସାବୁନ ପାଣି ମିଶାଇ ପ୍ରୟୋଗ କରନ୍ତୁ ।

ବାଦାମୀ ଗୁଣ୍ଡିପୋକ / ଧଳା ପତ୍ରଡିଆଁ ପୋକ / ସବୁଜ ପତ୍ରଡିଆଁ ପୋକ-

ଇମିଡାକ୍ଲୋପ୍ରିଡ୍ ୧୭.୮ SL @ ୫୦ ମି.ଲି./ଏକର

ଥାୟୋମିଥୋକ୍ସାମ୍ ୨୫ WG @ ୪୦ ଗ୍ରାମ୍/ଏକର

ଇଥୋଫେନ୍‌ପ୍ରକ୍ସ ୧୦EC @ ୨୦୦ ମି.ଲି./ଏକର

ନିମ୍ବତେଲ @ ୫ ମି.ଲି/ଲିଟର ପାଣି ଶତକଡା ୨ ଭାଗ ସାବୁନ ପାଣି ମିଶାଇ ପ୍ରୟୋଗ କରନ୍ତୁ ।

**ବି.ଦ୍ର:** ବାଦାମୀ ଗୁଣ୍ଡି ପୋକ/ଧଳା ପତ୍ରଡିଆଁ ପୋକର ସର୍ବେକ୍ଷଣ ପାଇଁ ଧାନ ଗଛର ମୂଳକୁ ଗୋଟିଏ ଠେଙ୍ଗା ଦ୍ୱାରା ବାଡେଇ ଦେଲେ ପୋକଗୁଡିକ ପାଣିକୁ ଡେଇଁ ପଡିବେ । ସେଥିରୁ ଆମେ ସେମାନଙ୍କ ପ୍ରାର୍ଦୁଭାବ ଜାଣିପାରିବା

******